ଓପିଜିସି
ପ୍ରଗତିର ଶକ୍ତି

# ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍


CIN-U40104OR1984SGC001429

ଜୋନ୍-ଏ, ୭ମ ମହଲା, ଫର୍ଚ୍ଚୁନ୍ ଟାୱାର୍ସ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର- ୭୫୧୦୨୩


## ସାଧାରଣ ବିଜ୍ଞପ୍ତି

ବିଦ୍ୟୁତ୍ ଅଧିନିୟମ, ୨୦୦୩ର ପରିଚ୍ଛେଦ ୬୨ ଏବଂ ୮୬ ଅନୁସାରେ, ବିଦ୍ୟୁତ୍ ଅଧିନିୟମ ୨୦୦୩ ପରିଚ୍ଛେଦ ୬୪(୨) ଅନୁଯାୟୀ, ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣ ନିମିତ୍ତ ଓଡିଶା ବିଦ୍ୟୁତ ନିୟାମକ ଆୟୋଗ, ଭୁବନେଶ୍ୱର ଙ୍କ ନିକଟରେ ଅନୁମୋଦନ ପାଇଁ ଦାଖଲ କରାଯାଇଥିବା ଦରଖାସ୍ତର ପ୍ରକାଶନ ଯାହାକି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଉତ୍ପାଦନ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ସର୍ତ୍ତାବଳୀ) ନିୟମ ୨୦୧୪ ଏବଂ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ବ୍ୟବସାୟ ପରିଚାଳନା) ନିୟମ ୨୦୦୪ରେ ପ୍ରଦତ୍ତ ।

୧) କମ୍ପାନୀ ଅଧିନିୟମ, ୧୯୫୬ ଅନୁଯାୟୀ ଗଠନ ହୋଇଥିବା ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍ (ଓପିଜିସି) ଏକ ବିଦ୍ୟୁତ ଉତ୍ପାଦନ କମ୍ପାନୀ, ଯାହାକି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଉତ୍ପାଦନ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ସର୍ତ୍ତାବଳୀ) ନିୟମ ୨୦୧୪ ଏବଂ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ବ୍ୟବସାୟ ପରିଚାଳନା) ନିୟମ ୨୦୦୪ରେ ପ୍ରଦତ୍ତ ତଥା ବିଦ୍ୟୁତ ଅଧିନିୟମ ୨୦୦୩ର ପରିଚ୍ଛେଦ ୬୨ ଓ ୮୬ ଅନୁଯାୟୀ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ତାର ବିଦ୍ୟୁତ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣ ନିମିତ୍ତ ଦରଖାସ୍ତ ଓଡିଶା ବିଦ୍ୟୁତ ନିୟାମକ ଆୟୋଗ, ଭୁବନେଶ୍ୱରଙ୍କ ନିକଟରେ ତା ୩୦/୧୧/୨୦୧୭ରିଖରେ ଦାଖଲ କରିଅଛି, ଯାହା କେସ୍ ନମ୍ବର **୭୫/୨୦୧୭**ରେ ପଞ୍ଜିକୃତ ହୋଇଛି ।

୨) ମାନ୍ୟବର ଆୟୋଗ ଜନ ଶୁଣାଣି ମାଧ୍ୟମରେ ଏହି ବିଷୟଟିର ଫଇସଲା କରିବା ନିମନ୍ତେ ସ୍ଥିର କରିଛନ୍ତି ।

୩) ଉପରୋକ୍ତ ଦରଖାସ୍ତର ନକଲ ଓଡିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍‌ର କର୍ପୋରେଟ୍ କାର୍ଯ୍ୟାଳୟ, ଜୋନ୍-ଏ, ୭ମ ମହଲା, ଫର୍ଚ୍ଚୁନ୍ ଟାୱାର୍ସ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୨୩ ଏବଂ ଏହାର ବିଦ୍ୟୁତ କେନ୍ଦ୍ରର ପ୍ରକଳ୍ପ କାର୍ଯ୍ୟାଳୟରେ ଉପଲବ୍ଧ ହେବ । ଏହି ସାଧାରଣ ବିଜ୍ଞପ୍ତି ସହିତ ଦାଖଲ କରାଯାଇଥିବା ସମ୍ପୂର୍ଣ୍ଣ ଦରଖାସ୍ତ, ଓଡିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍‌ର ୱେବ୍‌ସାଇଟ୍ **www.opgc.co.in** ଏବଂ ଆୟୋଗଙ୍କ ୱେବ୍‌ସାଇଟ୍ **www.orierc.org** ରେ ଉପଲବ୍ଧ ।

୪) **ତା ୧୬.୦୧.୨୦୧୮ ରିଖ** ସୁଦ୍ଧା ବା ପୂର୍ବରୁ ଉପରଲିଖିତ ଯେକୌଣସି କାର୍ଯ୍ୟାଳୟରେ କାର୍ଯ୍ୟ ଦିବସରେ କାର୍ଯ୍ୟାଳୟ ଖୋଲା ସମୟରେ ସଂପୃକ୍ତ ଅଧିକାରୀଙ୍କୁ ସାଧା କାଗଜରେ ଦରଖାସ୍ତ ଦେଇ, ଆଗ୍ରହୀ ବ୍ୟକ୍ତିମାନେ ଏହି ବିଷୟ ସମ୍ବନ୍ଧୀୟ ନଥିପତ୍ର ଦେଖିପାରିବେ ଏବଂ ଲେଖିକରି ଆଣି ପାରିବେ । ଉପରୋକ୍ତ ସମୁଦାୟ ଆବଶ୍ୟକ ପୁଞ୍ଜି ଦରଖାସ୍ତର ନକଲ ଦେୟ ବାବଦକୁ **ଟ.୧୦୦/-** ପଇଠ କରି ପାଇପାରିବେ ।

୫) ସମର୍ଥିତ କାଗଜ ପତ୍ର ସହିତ ଏହି ସମ୍ବନ୍ଧୀୟ କୌଣସି ପ୍ରସ୍ତାବ/ଆପତ୍ତି, ସଚିବ, **ଓଡିଶା ବିଦ୍ୟୁତ ନିୟାମକ ଆୟୋଗ, ପ୍ଲଟ ନଂ-୪, ଚୁନୁକୋଲି, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧**ଙ୍କ ନିକଟରେ ବ୍ୟକ୍ତି ବିଶେଷ କିମ୍ବା ରେଜିଷ୍ଟ୍ରି ଡାକ ମାଧ୍ୟମରେ **ତା୧୬.୦୧.୨୦୧୮ରିଖ** ସୁଦ୍ଧା ବା ପୂର୍ବରୁ ନିଶ୍ଚିତ ପହଞ୍ଚିବା ଆବଶ୍ୟକ । ସମ୍ବନ୍ଧୀୟ କାଗଜପତ୍ର ସହିତ ଉପରୋକ୍ତ ପ୍ରସ୍ତାବ/ଆପତ୍ତିର ଏକକିତା ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କୁ ମଧ୍ୟ ଦେବା ଆବଶ୍ୟକ ।

କ) ପ୍ରସ୍ତାବ/ ଆପତ୍ତି ଗୁଡିକର ୭ (ସାତ) କିତା ନକଲ ସଚିବ, ଓଡିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ନିକଟରେ ଦାଖଲ ହେବା ଆବଶ୍ୟକ ଏବଂ ସେଥିରେ ପ୍ରସ୍ତାବ/ଆପତ୍ତି ପଠାଇଥିବା ବ୍ୟକ୍ତି/ସଂଗଠନ/ଅନୁଷ୍ଠାନର ପୁରା ନାମ ଓ ସମ୍ପୂର୍ଣ୍ଣ ଡାକ ଠିକଣା ରହିଥିବା ଆବଶ୍ୟକ ଏବଂ ତାହା ଏକ ସତ୍ୟପାଠ ଦ୍ୱାରା ସମର୍ଥିତ ହୋଇଥିବା ଆବଶ୍ୟକ ।

ଖ) ଉପରୋକ୍ତ ତାରିଖ ପରେ ପହଞ୍ଚିଥିବା ପ୍ରସ୍ତାବ/ଅଭିଯୋଗ ଗୁଡିକ ଏବଂ ଉପରୋକ୍ତ ନିୟମାବଳୀର ସର୍ତ୍ତ ସମ୍ପୂର୍ଣ୍ଣ ଭାବେ ପୂରଣ ନହେଲେ, ଏହା ଶୁଣାଣି ପାଇଁ ଗ୍ରହଣଯୋଗ୍ୟ ହୋଇନପାରେ । କେବଳ ଯେଉଁ ଅଭିଯୋଗ/ପ୍ରସ୍ତାବ ଗୁଡିକ ସତ୍ୟପାଠ ମାଧ୍ୟମରେ ପଇଠ କରାଯାଇଥିବ, ସେହି ଗୁଡିକୁ କେବଳ ଶୁଣାଣି ପାଇଁ ଗ୍ରହଣ କରାଯିବ ।

୬) ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଶୁଣାଣିର ତାରିଖ ଖବରକାଗଜରେ ଯଥାବିଧି ପ୍ରକାଶ କରାଯିବ ଏବଂ ଯେଉଁ ପକ୍ଷମାନଙ୍କର ଆପତ୍ତି ଗ୍ରହଣ କରାଯିବ ସେମାନଙ୍କୁ ମଧ୍ୟ ଜଣାଇ ଦିଆଯିବ ।

**୨୦୧୮-୧୯ ଆର୍ଥିକ ବର୍ଷ ନିମନ୍ତେ ଓପିଜିସି ଦ୍ୱାରା ପ୍ରସ୍ତାବିତ ଉତ୍ପାଦନ ମୂଲ୍ୟର ସାରାଂଶ ନିମ୍ନରେ ଦିଆଗଲା ।**

**୨୦୧୮-୧୯ ଆର୍ଥିକ ବର୍ଷ ନିମନ୍ତେ ଓପିଜିସିର ଉତ୍ପାଦନ ମୂଲ୍ୟ**

| କ୍ରମିକ ନମ୍ବର | ବିଷୟ | ଟଙ୍କା(କୋଟିରେ) | ଟଙ୍କା / କିଲୋ ୱାଟ୍ |
|---|---|---|---|
| ୧. | ବାର୍ଷିକ ସ୍ଥିର ମୂଲ୍ୟ | ୨୪୩.୭୩ | ୦.୮୬ |
| ୨. | ଶକ୍ତି ମୂଲ୍ୟ | ୪୦୧.୯୨ | ୧.୪୧ |
| ୩. | ସମୁଦାୟ ଶକ୍ତି ବିକ୍ରୟ ମୂଲ୍ୟ | ୬୪୫.୬୫ | ୨.୨୭ |

**ଅନୁମୋଦନ ନିମନ୍ତେ ଆୟୋଗଙ୍କ ନିକଟରେ ଓପିଜିସି ଦ୍ୱାରା ନିବେଦିତ ନିମ୍ନପ୍ରଦତ୍ତ ବିଷୟ -**

- ଆର୍ଥିକ ବର୍ଷ ୨୦୧୬-୧୭ ନିମନ୍ତେ ଧାରଣ ଖର୍ଚ୍ଚ ସମେତ ୨୯.୩୮ କୋଟି ଟଙ୍କା ପ୍ରକୃତ ମୂଲ୍ୟ ପରୀକ୍ଷଣ ।
- ଆର୍ଥିକ ବର୍ଷ ୨୦୧୮-୧୯ ନିମନ୍ତେ ବାର୍ଷିକ ସ୍ଥିର ମୂଲ୍ୟ ।
- ଆର୍ଥିକ ବର୍ଷ ୨୦୧୮-୧୯ ନିମନ୍ତେ ଓଇଆରସି (ଉତ୍ପାଦନ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ସର୍ତ୍ତାବଳୀ)ନିୟମ ୨୦୧୪ ଅନ୍ତର୍ଗତ ୪.୩୨, ୪.୩୩ ଏବଂ ୪.୩୪ ନିୟମ ଅନୁଯାୟୀ ଶକ୍ତିମୂଲ୍ୟର ଭରଣା ।
- ଚଳିତ ବର୍ଷ ମଧ୍ୟରେ ପିଟିସନ ରେ ଦର୍ଶାଯାଇଥିବା ଭଳି ପ୍ରକୃତ ମୂଲ୍ୟ ଆଧାରରେ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ଗ୍ରୀଡକୋ ଲିମିଟେଡ ଦ୍ୱାରା ଭରଣା ହେବ ।
- ବର୍ଷ ଶେଷ ସୁଦ୍ଧା ଯେ କୌଣସି ଅତିରିକ୍ତ ଦେୟ ଭରଣା ।
- ଆର୍ଥିକ ବର୍ଷ ୨୦୧୭-୧୮ ପାଇଁ ମାନ୍ୟବର ଓଇଆରସିଙ୍କ ଠାରେ କେସ୍ ନଂ ୩୫/୨୦୧୭ରେ ପଞ୍ଜୀକୃତ ସମୀକ୍ଷା ଆଦେଶ ପ୍ରଭାବର ମୂଲ୍ୟାୟନ ।

**ପରିଚାଳନା ନିର୍ଦ୍ଦେଶକ**
**ଓପିଜିସି**

**ତାରିଖ: ୧୫.୧୨.୨୦୧୭**

ବି.ଦ୍ର.: କ) ଉପରୋକ୍ତ ସାଧାରଣ ବିଜ୍ଞପ୍ତି ସହିତ ଓପିଜିସି ଶକ୍ତି କେନ୍ଦ୍ରର ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ପ୍ରସ୍ତାବିତ ଦର ଓପିଜିସି ୱେବ୍‌ସାଇଟ୍ **www.opgc.co.in** ଏବଂ ଆୟୋଗଙ୍କ ୱେବ୍‌ସାଇଟ୍ **www.orierc.org** ରେ ଉପଲବ୍ଧ ହେବ ।

ଖ) ଓଡିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ ଯଦି କୌଣସି ଦ୍ୱନ୍ଦ୍ୱ ଥାଏ, ତାହା ହେଲେ ସତ୍ୟତା ପାଇଁ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ଅନୁସରଣ କରାଯାଇପାରେ ।

**SAFE & CLEAN POWER IS OUR COMMITMENT**